# ପାହାଡ଼ି ଖଡ଼ିଆ



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨

# ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha" ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ


**(ସନ୍ତୋଷ କୁମାର ଷଡ଼ଙ୍ଗୀ)**
କମିଶନର ତଥା ଶାସନ ସଚିବ

# ପାହାଡ଼ି ଖଡ଼ିଆ



ମୂଳ ଇଂରାଜୀ:
ଅଖିଳ ବିହାରୀ ଓତା
ତ୍ରିଲୋଚନ ସାହୁ

ଓଡ଼ିଆ ଅନୁସୃଜନ:
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍



# ପରିଚିତି

ଖଡ଼ିଆମାନଙ୍କ ଏକ ଉପଗୋଷ୍ଠୀ ସ୍ଥାନୀୟ ଲୋକଙ୍କ ଦ୍ୱାରା ପାହାଡ଼ି ଖଡିଆ ନାମରେ ପରିଚିତ । ଏମାନେ ସାଧାରଣତଃ ଶିମିଳିପାଳ ଅଭୟାରଣ୍ୟର ଉଚ୍ଚ ମାଳ ଅଞ୍ଚଳରେ ବସବାସ କରନ୍ତି । ଏମାନେ ଅର୍ଦ୍ଧ ଯାଯାବର ଗୋଷ୍ଠୀ ଭାବରେ ପରିଚିତ । ମହୁ, ଅଠା, ଲାଖ ଓ ପାଳୁଅ ସଂଗ୍ରହ କରିବାରେ ସେମାନେ ନିପୁଣ । ଓଡ଼ିଶାର ୬୨ ଜନଜାତିଙ୍କ ମଧ୍ୟରୁ ଖଡ଼ିଆ ଅନ୍ୟତମ । ପାହାଡ଼ ଗୁମ୍ଫାରେ ଶ୍ରୀ ଜଗନ୍ନଥଙ୍କୁ ପୂଜା କରୁଥିବା ବିଶ୍ୱାବସୁ ଶବରର ବଂଶଧର ବୋଲି ନିଜର ପରିଚୟଦେଇ ଖଡ଼ିଆ ମାନେ ଗର୍ବ ଅନୁଭବ କରନ୍ତି ।


ମୁଣ୍ଡା ଜନଜାତି ମାନଙ୍କର ଉତ୍ପତ୍ତିକୁ ନେଇ ରହିଥିବା କିମ୍ବଦନ୍ତୀ ସହିତ ଖଡ଼ିଆମାନଙ୍କର ସାଦୃଶ୍ୟ ପରିଲକ୍ଷିତ ହୁଏ । ଖଡ଼ିଆମାନେ ମୁଣ୍ଡାମାନଙ୍କ ଠାରୁ ପ୍ରାଚୀନ ଓ ଶ୍ରେଷ୍ଠ ଜନଜାତି ଶ୍ରେଣୀର । ଚାଷ ସେମାନଙ୍କର ମୁଖ୍ୟ ବେଉସା । ଖଡିଆ ଶବ୍ଦ ଖଡଖଡି ଶବ୍ଦରୁ ଉତ୍ପତ୍ତି । ଖଡଖଡି କହିଲେ ପାଲିଙ୍କି । ସେମାନଙ୍କର ପୂର୍ବପୁରୁଷ ପାଲିଙ୍କି ବୋହିବା କାର୍ଯ୍ୟ କରୁଥିବାରୁ ତତ୍‌ସମୟରେ ସେମାନଙ୍କୁ ଖଡ଼ଖଡ଼ିଆରୁ ଖଡ଼ିଆ ହିସାବରେ ପରିଚିତ କରାଇଥିବାର ମନେହୁଏ । ଅଣୁ ପ୍ରକଳ୍ପ ଦ୍ୱାରା ସଂପାଦିତ ୨୦୦୭ ଜନଗଣନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଯଶୀପୁରଠାରେ ଥିବା ପାହାଡ଼ି ଖଡିଆ ଓ ମାଙ୍କଡିଆ ଉନ୍ନୟନ ସଂସ୍ଥା (ଅଣୁ ପ୍ରକଳ୍ପ) ଅଂଚଳରେ ୬୦୬ ଘର ଖଡ଼ିଆ ଥିବାର ଜଣାଯାଏ । ଅଣୁ ପ୍ରକଳ୍ପ ଅଧୀନରେ ଥିବା ଗ୍ରାମପୁଞ୍ଜର ଲୋକସଂଖ୍ୟା ସର୍ବମୋଟ ୧୯୦୦ । ପ୍ରତି ପରିବାରରେ ହାରାହାରି ୩ ଜଣ ଖଡ଼ିଆ ରହୁଛନ୍ତି । ପୁରୁଷ ଓ ମହିଳାଙ୍କ ଲିଙ୍ଗାନୁପାତ ପ୍ରତି ୧ ହଜାରରେ ୧୦୨୩ । ସାକ୍ଷରତା ହାର ୨୮.୮୯% ।












ପାହାଡ଼ି ଖଡିଆମାନଙ୍କର ଆଭୂଷଣ ଅତି ସାଧାରଣ । ତିନି ଚାରି ବର୍ଷ ପର୍ଯ୍ୟନ୍ତ ପିଲାମାନେ ନିବସ୍ତ୍ର । ୪ ରୁ ୬ ବର୍ଷର ପିଲାମାନଙ୍କ ଅଣ୍ଟାରେ ଖଣ୍ଡେ କପଡା ଘେରେଇ ଦିଆଯାଏ । ପୁରୁଷମାନେ ଛୋଟ ଧୋତି ଓ ମହିଳା ମାନେ ଅଞ୍ଚଳୟର ଶାଢି ପିନ୍ଧନ୍ତି । ବର୍ତ୍ତମାନ କାଳରେ ପାହାଡ଼ି ଖଡ଼ିଆ ପୁରୁଷ ଓ ମହିଳାମାନେ ବଜାରରେ ଉପଲବ୍ଧ ବସ୍ତ୍ର ପରିଧାନ କରୁଛନ୍ତି । ପାହାଡ଼ି ଖଡ଼ିଆ ମହିଳାମାନେ ହାର, ବାହୁବନ୍ଧ, କାନଫୁଲ, ହାତମୁଦି, ମୁଣ୍ଡକଣ୍ଟା, ଧାତୁ ନିର୍ମିତ ଚୁଡି ଆଦି ବ୍ୟବହାର କରନ୍ତି । କେତେକ ପାହାଡ଼ି ଖଡ଼ିଆ ଯୁବକ ମଧ୍ୟ ଗଳାରେ ଗଳାମାଳି ପିନ୍ଧନ୍ତି । ମୁଣ୍ଡବାଳକୁ ସଜେଇବା ନିମନ୍ତେ ମହିଳାମାନେ ବିଭିନ୍ନ ରଙ୍ଗର ରିବନ୍ ବ୍ୟବହାର କରନ୍ତି ।


ପୁରୁଣା ପିଢିର ମହିଳାମାନେ ହାତ,ଗୋଡ, ଆଖିକୋଣ ଓ କପାଳରେ ବିଭିନ୍ନ ଶୈଳୀର ଚିତା କୁଟାଇ ଥିବାର ଦେଖାଯାଏ । ସାଧାରଣତଃ କେଳୁଣୀ ବା ସାପୁଆ କେଳା ସ୍ତ୍ରୀଲୋକ ଏହି ଚିତାକୁଟା କର୍ମ ସଂପାଦନ କରିଥାନ୍ତି ।












# ବସତି ବନ୍ଦୋବସ୍ତ






ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାହାଡ ଅଞ୍ଚଳର ଆଦିବାସିନ୍ଦା ହିସାବରେ ପାହାଡ଼ି ଖଡ଼ିଆମାନେ ନିଜକୁ ଦାବୀ କରନ୍ତି । ପାହାଡ଼ି ଖଡ଼ିଆମାନେ ଶିମିଳିପାଳର ଦୂରବର୍ତ୍ତୀ ପାର୍ବତ୍ୟାଞ୍ଚଳରେ ବସବାସ କରନ୍ତି । ଶିମିଳିପାଳ ଜାତୀୟ ଉଦ୍ୟାନରେ ହାତୀ, ବାଘ, ଭାଲୁ, ହରିଣ, ମାଙ୍କଡ, ବନ୍ୟ କୁକୁର ଆଦି ବଣ୍ୟଜୀବମାନେ ଦେଖାଯାଆନ୍ତି । ସମୁଦାୟ ଶିମିଳିପାଳ ଅଞ୍ଚଳ ବଡ ବଡ ଶାଳ, ମହୁଲ, କରଞ୍ଜ, ଶିମିଳି ଓ ଅନ୍ୟାନ୍ୟ ବଣ୍ୟବୃକ୍ଷରେ ପରିପୂର୍ଣ୍ଣ । ଖଡ଼ିଆମାନେ ଅନ୍ୟାନ୍ୟ କୃଷିଜୀବୀ ଓ ସାଧାରଣ ବର୍ଗଙ୍କ ସହିତ ମିଳିମିଶି ରୁହନ୍ତି । ବାଥୁଡ଼ି, ଗୋଣ୍ଡ ଓ କୋହ୍ଲମାନଙ୍କ ସହିତ ପାହାଡି ଖଡିଆମାନଙ୍କର ଉତ୍ତମ ସଂପର୍କ । ଗୋଟିଏ ଗାଁରେ ୫ ରୁ ୨୦ ବା ତତୋଧିକ ଘର ଦେଖାଯାଏ । ପାହାଡ଼ି ଖଡ଼ିଆ






ମାନଙ୍କର ଘର ପାହାଡର ଶୀର୍ଷରେ ; ପାଦଦେଶରେ ବା ଗଡାଣିଆ ସ୍ଥାନରେ ତିଆରି ହୋଇଥାଏ । ଛୋଟ ଛୋଟ ପଡା ଗାଁରେ ସେମାନେ ବସବାସ କରନ୍ତି । ପାହାଡି ଝରଣା ବା ଜଳାଧାର ନିକଟରେ ଖଡ଼ିଆମାନେ ସେମାନଙ୍କ ବାସସ୍ଥଳୀ ନିର୍ମାଣ କରିବାକୁ ପସନ୍ଦ କରନ୍ତି । ଖଡ଼ିଆ ମାନଙ୍କ ଘର ଲଗାଲଗି ନ ହୋଇ ଏଠି ସେଠି ହୋଇଥାଏ ।


ଖଡିଆମାନଙ୍କ ଘରେ ଝରକା ନଥାଏ ଓ ଘରମଧ୍ୟକୁ ବାହାରର ମୁକ୍ତ ବାୟୁ ଗମନାଗମନ ନିମନ୍ତେ ବ୍ୟବସ୍ଥା ନଥାଏ । ଖଡ଼ିଆମାନଙ୍କ ଘରର ଆକୃତି ଛୋଟ ଓ ଏହା ଚତୁର୍ଭୁଜାକାର । ଘରର କାନ୍ଥ ଶାଳ କାଠରେ ତିଆରି ଓ ଏହାକୁ କାଦୁଅରେ ଲିପାଯାଇଥାଏ । ଖଡ଼ିଆ ଘରର କାନ୍ଥରେ ସୁନ୍ଦର ସୁନ୍ଦର ଝୋଟି ଚିତା ପଡିଥାଏ । ଘରର ଉପର ଅଂଶ କାଠ ଦ୍ୱାରା ନିର୍ମିତ ହୋଇ ଲମ୍ବଘାସ ବା ଛଣ ଦ୍ୱାରା ଛପର ହୋଇଥାଏ । ଧନୀକ ଶ୍ରେଣୀର ଖଡ଼ିଆ ମାନେ ଖପର ଘର କରିଥାନ୍ତି । ଘରର ମୂଳଦୁଆ ଚତୁର୍ଭୁଜାକାର ହୋଇଥାଏ । ଏକ ବଖୁରିଆ ଘରଟିକୁ ସାନ ଓ ବଡ କ୍ରମରେ ଦୁଇଭାଗରେ ବିଭକ୍ତ କରି ସାନଘରଟିରେ ରୋଷେଇ କାର୍ଯ୍ୟ କରାଯାଏ , ବଡ ଘରଟିକୁ ଶୟନ କକ୍ଷ ଭାବରେ ବ୍ୟବହାର କରାଯାଏ । ଗୃହ ସାମଗ୍ରୀ

















ହିସାବରେ ଖଜୁରୀପଟି, ପତ୍ରପଟି, ଦଉଡ଼ିଆ ଖଟ, ମାଟିପାତ୍ର, ଲାଲଡୁମ୍ବା ପାତ୍ର, କଂସା ଓ ଆଲୁମିନିଅମ ବାସନକୁସନ, ବାଉଁଶ ପାଛିଆ, ପତ୍ରଠୋଲା, ଚଉପଡି, ଚକି ଓ ଘୋରଣା, ଶିଳ ଶିଳପୁଆ, ଧନୁତୀର, ଟାଙ୍ଗିଆ, ବର୍ଚ୍ଛା ପ୍ରମୁଖ ରହିଥାଏ । ଛେଳି, ଘୁଷୁରି, ଗୋରୁ ଗାଈ ଆଦି ଗୃହପାଳିତ ପ୍ରାଣୀଙ୍କ ନିମନ୍ତେ ସ୍ୱତନ୍ତ୍ର ଘର ତିଆରି ହୋଇଥାଏ, ମାତ୍ର ଶୟନ କକ୍ଷର ଗୋଟିଏ କୋଣରେ ପାଳିତ ପକ୍ଷୀଗୁଡ଼ିକୁ ରଖାଯାଏ । ମହୁଲ ବା ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ସଂଗ୍ରହ ସମୟରେ ଖଡ଼ିଆମାନେ ନିଜର ସବୁଦିନିଆ ବାସସ୍ଥଳୀର ଅନତିଦୂରରେ ଅସ୍ଥାୟୀ କୁଡ଼ିଆ ନିର୍ମାଣ କରି ରହିଥାନ୍ତି ।



ପାହାଡ଼ି ଖଡିଆମାନେ ଗାଁ ଠାକୁରାଣୀ ଓ ମୁଖ୍ୟଦେବୀ 'ଧରଣୀ ମାତା'ଙ୍କୁ ଗ୍ରାମ ସୀମାରେ ଶାଳ ଗଛ ମୂଳେ ପୂଜା କରନ୍ତି । ସେମାନେ ମଧ୍ୟ ଧର୍ମ ଦେବତା ସୂର୍ଯ୍ୟ ଓ ଅନ୍ୟାନ୍ୟ ଦେବଦେବୀଙ୍କୁ ପୂଜା କରିଥାନ୍ତି ।









# ଖାଦ୍ୟ ଓ ପାନୀୟ



'ଭାତ' ପାହାଡି ଖଡିଆ ମାନଙ୍କର ମୁଖ୍ୟ ଖାଦ୍ୟ । ଭାତ ବଦଳରେ ସେମାନେ ମକା, ମାଣ୍ଡିଆ, ଜହ୍ନା ମଧ ଖାଆନ୍ତି । ଏହା ବ୍ୟତୀତ ଜଙ୍ଗଲରୁ ସଂଗୃହୀତ ଋତୁକାଳୀନ ଫଳମୂଳ; କନ୍ଦ, ଛତୁ, ମହୁ ଆଦିକୁ ଖାଦ୍ୟରୂପେ ଗ୍ରହଣ କରନ୍ତି । ସେମାନେ ପଶୁ ପକ୍ଷୀ ଶିକାର କରନ୍ତି । ପର୍ବ ପର୍ବାଣି, ପୂଜା ଉତ୍ସବ ମାନଙ୍କରେ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ବଳିପକାଉଥିବା ପଶୁ ପକ୍ଷୀଙ୍କ ମାଂସକୁ ଖାଦ୍ୟରୂପେ ଗ୍ରହଣ କରନ୍ତି । ପାହାଡର ପ୍ରବାହିତ ଝରଣା, ନାଳରୁ ଖଡିଆମାନେ ମାଛ ଧରନ୍ତି । ଶାଗ, ପଖାଳ ଓ ଲୁଣ, ମରିଚ ଖଡିଆମାନଙ୍କର ପ୍ରିୟଖାଦ୍ୟ । ତରକାରୀ ନିମନ୍ତେ ଖଡିଆମାନେ ବର୍ଷାଋତୁରେ ଘର ବାଡିରେ କଲରା, କଖାରୁ ଆଦି ପନିପରିବା ଲଗାଇଥାନ୍ତି । ସେମାନେ କ୍ୱଚିତ୍ ଡାଲି ଖାଆନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇ ନଥିବାରୁ ଖଡିଆମାନେ ବର୍ଷାଋତୁରେ ଖାଦ୍ୟାଭାବର ସମ୍ମୁଖୀନ ହେଉଥିବାରୁ ମକା ଓ ଅନ୍ୟାନ୍ୟ ଖାଦ୍ୟୋପଯୋଗୀ ମୂଳ ଓ କନ୍ଦା ଉପରେ ନିର୍ଭର କରନ୍ତି ।








ପର୍ବପର୍ବାଣି ଅବସରରେ ପାହାଡି ଖଡିଆମାନେ ସିଝା ଓ ସେକା ଚାଉଳ ପିଠା ସହିତ ମାଂସ ତରକାରୀ କରିଥାନ୍ତି ।

ପ୍ରତି ପାହାଡି ଖଡିଆ ଗାଁରେ ନଳକୂଅ ରହିଛି । ମାତ୍ର ଖଡିଆମାନେ ନଳକୂଅ ପାଣି ନପିଇ ଝରଣା ପାଣି ପିଇବାକୁ ଅଧିକ ଆଗ୍ରହ ପ୍ରକାଶ କରନ୍ତି । ନଳକୂଅ ପାଣିର ଲୁହାଳିଆ ବାସ୍ନା ଓ ସ୍ୱାଦସେମାନଙ୍କୁ ଭଲ ଲାଗେନାହିଁ । ଖଡିଆମାନେ ସାପ୍ତାହିକ ହାଟରୁ ତଥା ସାନ୍ତାଳମାନଙ୍କ ଠାରୁ ହାଣ୍ଡିଆ ଓ ମହୁଲୀ ମଦଖରିଦ୍ କରି ପର୍ବ ପର୍ବାଣିରେ ପାନୀୟ ରୂପେ ବ୍ୟବହାର କରନ୍ତି ।



# ଜୀବନଜୀବିକା



ପାହାଡ଼ି ଖଡ଼ିଆମାନଙ୍କର ଜୀବନଜୀବିକା ଜଙ୍ଗଲ ପରିବେଶ ଆଧାରିତ । ସେମାନେ ଜୀବନ ଜୀବିକା ପାଇଁ ମୁଖ୍ୟତଃ ଶିମିଳିପାଳର ପାର୍ବତ୍ୟାଞ୍ଚଳ ଉପରେ ନିର୍ଭର କରିଥାନ୍ତି । ଜଙ୍ଗଲର ଅଧିବାସୀ ହୋଇଥିବାରୁ ଖଡିଆମାନେ କୃଷି ତୁଳନାରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ଶିକାର ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଆଦିମ ଜନଜୀବନ ଶୈଳୀକୁ ଅଦ୍ୟାବଧି ପାହାଡି ଖଡିଆମାନେ ସଂପୂର୍ଣ୍ଣ ଭାବରେ ପରିହାର କରିପାରିନାହାଁନ୍ତି । ବରଂ ଏକଥା ସତ ଯେ ଖଡିଆମାନେ ପ୍ରାଚୀନ ଓ ଆଧୁନିକ ଜୀବନ ଧାରାର ଅନ୍ତବର୍ତ୍ତୀ ଜୀବନ ନିର୍ବାହ କରୁଛନ୍ତି ।


ଶିମିଳିପାଳ ପାହାଡ 'ମହୁ' ର ଏକ ପ୍ରାକୃତିକ ଭଣ୍ଡାର । କେଉଁ ଅନାଦି କାଳରୁ ଏହି ପାର୍ବତ୍ୟାଞ୍ଚଳରେ ବସବାସ କରି ଆସୁଥିବା ପାହାଡି ଖଡିଆମାନେ ମହୁସଂଗ୍ରହକୁ ନିଜର ଜୀବନ ଓ ଜୀବିକା



ହିସାବରେ ଗ୍ରହଣ କରିନେଛନ୍ତି । ସେମାନେ ବଡ଼ (ବାଘୁଆ) ମହୁମାଛି ଓ ସାନ ମହୁମାଛି ଠାରୁ ମହୁ ସଂଗ୍ରହ କରିଥାନ୍ତି । ବଡ(ବାଘୁଆ)ମହୁମାଛି ଦୀର୍ଘ ଉଚ୍ଚତା ବିଶିଷ୍ଟ ମୋଟା ଶାଳ ଗଛର କୋରଡ ଓ ପର୍ବତ ଗୁମ୍ଫାରେ ମହୁଫେଣା ବାନ୍ଧିଥାଏ । ଖଡ଼ିଆମାନେ ଉପରକୁ ବା ପର୍ବତ ଗୁମ୍ଫା ଉପରକୁ ଚଢ଼ି ନିଆଁହୁଳା ସାହାଯ୍ୟରେ ମୁହୁମାଛିଗୁଡ଼ିକୁ ଘଉଡାଇ ସାଙ୍ଗରେ ନେଇଥିବା ଟିଣପାତ୍ର ବା ପାଛିଆ ଦ୍ୱାରା ମହୁ ସଂଗ୍ରହ କରିଥାନ୍ତି । ବେଳେବେଳେ ମହୁମାଛିଗୁଡ଼ିକୁ ଘଉଡାଇବା ସମୟରେ ସେମାନଙ୍କ ଆକ୍ରମଣକୁ







ସାମ୍ନା କରି ନପାରି ସଂଗ୍ରହକାରୀ ଗଛରୁ ବା ପାହାଡ଼ରୁ ତଳକୁ ଖସିପଡେ । ଏହାଦ୍ୱାରା ଜୀବନହାନୀର ସମ୍ଭାବନାକୁ ଏଡାଇ ନ ଦେଲେ ବି ସାହସୀ ଖଡିଆ ଜନଜାତିମାନେ ଏହି ଦୁଃସାହସିକ କାର୍ଯ୍ୟରୁ କେବେହେଲେ ନିବୃତ୍ତ ହୋଇପାରନ୍ତି ନାହିଁ । ମାର୍ଚ୍ଚ ମାସରୁ ଜୁନ୍ ଓ ଅକ୍ଟୋବର, ନଭେମ୍ବର ମାସ ମହୁ ସଂଗ୍ରହ ତଥା ବିକ୍ରୟ କରିବାର ପ୍ରକୃଷ୍ଟ ସମୟ ।

ଶାଳଗଛରୁ ଝୁଣା ସଂଗ୍ରହ କରିବା ପାହାଡି ଖଡ଼ିଆମାନଙ୍କର ଅନ୍ୟତମ ମୁଖ୍ୟ ପେଶା । ସେପ୍ଟେମ୍ବରରୁ ନଭେମ୍ବର ଓ ମାର୍ଚ୍ଚରୁ ଜୁନ୍‌ମାସ ମଧ୍ୟରେ ସେମାନେ ପାର୍ବତ୍ୟାଞ୍ଚଳରୁ ଝୁଣା ସଂଗ୍ରହ କରିବାରେ ଲାଗିଥାନ୍ତି । ଏହାଦ୍ୱାରା ବେଶ୍ ଦୁଇ ପଇସା ହାତକୁ ଆସେ । ଦୁଇ ବା ତିନିଜଣ ଏକାଠି ହୋଇ ଛୁରୀ, କୁରାଢୀ ଓ ଝୁଡିଧରି ଜଙ୍ଗଲକୁ ଝୁଣା ସଂଗ୍ରହ କରିବା ଉଦ୍ଦେଶ୍ୟରେ ବାହାରି ପଡନ୍ତି । ଅଣ୍ଟାରେ ଝୁଡି ଓହଳାଇ ହାତରେ କୁରାଢ଼ୀ ଧରି ଗଛରେ ଚଢ଼ି ଝୁଣାଥିବା ସ୍ଥାନରେ ପହଞ୍ଚି କୁରାଢ଼ୀ ସାହାଯ୍ୟରେ ଗଛର ବଲ୍‌କଳରୁ ଝୁଣାକୁ ରାମ୍ପି ଅଲଗା କରି ସାବଧାନତାର ସହ ଅଣ୍ଟାରେ ଝୁଲୁଥିବା ଝୁଡିରେ ସଂଗ୍ରହ କରିବାକୁ ହୁଏ । ଘରେ ଗଛର ବଲ୍‌କଳ ଓ ଝୁଣାକୁ ବାଛି ଅଲଗା କରି ବଜାରରେ ବିକ୍ରି କରିବା ନିମନ୍ତେ ପ୍ରସ୍ତୁତ କରି ରଖିବାକୁ ହୁଏ ।

ମହୁ ଓ ଝୁଣା ସଂଗ୍ରହ ସହିତ ଖଡିଆ ମାନେ ମଧ ବଣ ପାଳୁଅ ସଂଗ୍ରହ କରନ୍ତି । ଚାଷ କରାଯାଉଥିବା ପାଳୁଅ ତୁଳନାରେ ବଣରୁ ମିଳୁଥିବା ପାଳୁଅର ଔଷଧୀୟ ଗୁଣ ଅଧିକ । ଏହା ଶରୀର ପାଇଁ ଅଧିକ ହିତକାରୀ ସାବ୍ୟସ୍ତ ହୋଇଥାଏ । ମହୁ ଓ ଝୁଣା ସଂଗ୍ରହ ଏକ ବିପଦପୂର୍ଣ୍ଣ କାର୍ଯ୍ୟ । ପାଳୁଅ ସଂଗ୍ରହରେ କୌଣସି ବିପଦନ ଥିଲେ ବି ଏଥି ନିମନ୍ତେ ବହୁତ ସମୟ ଓ ଶ୍ରମ ବିନିମୟ କରିବାକୁ ହୁଏ । ନଦୀ ଓ ଝରଣାର ନିକଟବର୍ତ୍ତୀ ଅଞ୍ଚଳକୁ ଅସ୍ଥାୟୀ ବାସସ୍ଥଳୀ ଭାବରେ ଗ୍ରହଣ କରି ଖଡିଆମାନେ ବଣପାଳୁଅ ସଂଗ୍ରହରେ ଲାଗି ପଡନ୍ତି । ଡିସେମ୍ବର ରୁ ମାର୍ଚ୍ଚ ପାଳୁଅ ସଂଗ୍ରହ ନିମନ୍ତେ ଉପଯୁକ୍ତ ସମୟ । ଗଇନ୍ତି ସାହାଯ୍ୟରେ ପାଳୁଅ ଗଛର ମୂଳକୁ ଖୋଳି ତା'ର କନ୍ଦା ବାହାର କରିବାକୁ ହୁଏ । ପାଳୁଅ ସଂଗ୍ରହକାରୀ ଏହି ସମୟରେ ଶିଆଳୀ ଲତାର ତନ୍ତୁନିର୍ମିତ ଜାଲ, ଛୋଟ






ଛୁରୀ; ବଡ ବା ସାନ ଦୁଆ ମାଟିପାତ୍ର, ଖଣ୍ଡେ ପରିଷ୍କାର କପଡା ପାଳୁଅ ପ୍ରକ୍ରିୟାକରଣ କାର୍ଯ୍ୟରେ ବ୍ୟବହାର କରେ । ଖୋଳା ଯାଇଥିବା ପାଳୁଅ ମୂଳକୁ ଭଲଭାବରେ ଧୋଇ ପ୍ରଥମେ ପରିଷ୍କାର କରିବାକୁ ହୁଏ । ଝରଣାଜଳର ପଥର ସନ୍ଧିରେ ଅବା ଗୋଟିଏ ଝୁଡିରେ ସଂଗୃହୀତ ପାଳୁଅ ମୂଳକୁ ରଖି ଦିଆଯାଏ । ପରିଷ୍କୃତ ପାଳୁଅର ମୂଳ କନ୍ଦାକୁ ପାତ୍ର ଉପରେ କପଡା ବାନ୍ଧି ବାଲିପଥର ସାହାଯ୍ୟରେ ଧୀରେ ଧୀରେ ଘୋରିବାକୁ ହୁଏ । ମାଟି ପାତ୍ରରେ ସଂଗୃହୀତ ପାଳୁଅ ଉପରୁ ବାରମ୍ବାର ପରିଷ୍କାର କରି ଶେଷରେ ଖରାରେ ଶୁଖାଇ ଦିଆଯାଏ । ଟାଣ ଖରାରେ ସଂପୂର୍ଣ୍ଣ ଶୁଖିଗଲେ ବିକ୍ରି ନିମନ୍ତେ ଉପଯୁକ୍ତ ମନେହୁଏ । ପ୍ରାୟ ସବୁବେଳେ ବଜାରରେ ପାଳୁଅର ଚାହିଦା ଥାଏ । ଖଡିଆର ଜୀବନ ଜୀବିକା ସହିତ ପାଳୁଅ ଅଙ୍ଗାଙ୍ଗୀ ଭାବରେ ଜଡିତ ।



ପାହାଡି ଖଡ଼ିଆମାନେ ଧୁରନ୍ଧର ଶିକାରୀ । ଧନୁ ଓ ତୀର ସାହାଯ୍ୟରେ ସେମାନେ ସମ୍ବର ଓ ହରିଣ ଅନାୟାସରେ ଶିକାର କରିଥାନ୍ତି । କେତେକ ଖଡ଼ିଆ ଏବେ ଅଳ୍ପ ଅଳ୍ପ ଜଙ୍ଗଲ ଜମିରେ ଚାଷ-ବାସ ଆରମ୍ଭ କଲେଣି । ଜଙ୍ଗଲଜାତ ଦ୍ରବ୍ୟ ଯଥା - ଝୁଣା, ଲାଖ, ମହୁ, ଟସର, ଅଠା ସଂଗ୍ରହ ସେମାନଙ୍କର ମୁଖ୍ୟ ଆୟକାରୀ ପନ୍ଥା । ପାହାଡି ଖଡ଼ିଆମାନେ କ୍ୱଚିତ୍ ମାଛଧରନ୍ତି । ମହିଳାମାନେ ଖଜୁରୀ ପତ୍ରରେ ମସିଣା ବୁଣନ୍ତି । ଖଡିଆମାନେ ସବାଇଘାସ ଓ ଝୋଟ ସାହାଯ୍ୟରେ ଦଉଡିବୁଣି ନିଜ ବ୍ୟବହାରରେ ଲଗାନ୍ତି । ସେମାନେ ମଧ୍ୟ ଶିଆଳୀ ଓ ଶାଳ ପତ୍ର



ବ୍ୟବହାର କରି ପତ୍ରଥାଳି ଓ ଦନା ତିଆରି କରି ସେସବୁକୁ ନିଜ ବ୍ୟବହାରରେ ଲଗାଇବା ସହିତ ଆବଶ୍ୟକ ହେଲେ ବଜାରରେ ବିକ୍ରୟ କରନ୍ତି । ସେମାନଙ୍କ ମଧ୍ୟରୁ କେତେକ କାଠଚକି ମାଧ୍ୟମରେ ତେଲ ପ୍ରସ୍ତୁତ କରିବାର କୌଶଳ ଜାଣନ୍ତି । ସେମାନେ ଶିକାର, କୃଷି ଓ ମାଛ ଧରିବାରେ ବ୍ୟବହୃତ ସରଞ୍ଜାମ ସବୁକୁ ନିଜେ ତିଆରି କରନ୍ତି ।

ଏସବୁ ବ୍ୟତୀତ ପାହାଡି ଖଡ଼ିଆମାନେ ନିଜ ଗୁଜୁରାଣ ମେଣ୍ଟାଇବା ନିମନ୍ତେ ଛେଳି, ମେଣ୍ଢା, ଘୋଷୁ, ଗାଈ, କୁକୁଡା, ବତକ ଆଦି ପାଳନ କରନ୍ତି । ଏହା ଦ୍ୱାରା ସେମାନଙ୍କର ଦୈନିନ୍ଦିନ ଖର୍ଚ୍ଚ ସହିତ ପର୍ବ ପର୍ବାଣିରେ ଆବଶ୍ୟକ ପଡୁଥିବା ଅଧିକ ଖର୍ଚ୍ଚର ବୋଝକୁ ସମ୍ଭାଳି ହୁଏ । 'ମକର' ଖଡିଆମାନଙ୍କର ମୁଖ୍ୟ ପର୍ବ । ଜନ୍ମ, ମୃତ୍ୟୁ, ବିବାହ; ଆଦି ସାମାଜିକ ବା ଅନୁଷ୍ଠାନିକ କ୍ରିୟାକର୍ମରେ ଅଧିକ ଖର୍ଚ୍ଚ କରିବାକୁ ହୋଇଥାଏ ।









ସମୟ ସ୍ରୋତରେ ପାହାଡି ଖଡ଼ିଆମାନଙ୍କର ଜୀବନ ଯାପନର ଶୈଳୀ ମଧ୍ୟ ବଦଳି ଯାଇଛି । ସେମାନେ ଏବେ ଛୋଟ ଛୋଟ ବ୍ୟବସାୟରେ ମନ ଦେଲେଣି । ସମୟ ସହିତ ତାଳ ଦେଇ ନିଜକୁ ବଦଳେଇବା ଶିଖିଲେଣି । ପରିବର୍ତ୍ତନର ଏହି ଧାରା ଜାରି ରହିଲେ ଦିନ ଆସିବ ପାହାଡି ଖଡ଼ିଆମାନେ ମୁଖ୍ୟ ସାମାଜିକ ସ୍ରୋତ ସହିତ ମିଶିଯିବେ ।









# ସାମାଜିକ ଜୀବନ



ପାହାଡି ଖଡ଼ିଆମାନଙ୍କର ସାମାଜିକ ଜୀବନ ଜନ୍ମ, କୈଶୋର, ବିବାହ, ବାର୍ଦ୍ଧକ୍ୟ ଓ ମୃତ୍ୟୁକୁ ନେଇ ଗତିଶୀଳ । ଜନ୍ମ ଓ ମୃତ୍ୟୁର ବ୍ୟବଧାନ ମଧ୍ୟରେ ଅନେକ ସାମାଜିକ କ୍ରିୟା କର୍ମ, ପର୍ବ ପର୍ବାଣି ଓ ଧାର୍ମିକ ଅନୁଷ୍ଠାନ ଭିତରେ ଖଡ଼ିଆର ଜୀବନ ଚକ୍ର । ଜନ୍ମ ହିଁ ଜୀବନର ଅୟମାରମ୍ଭ । ଏଇ ଅୟମାରମ୍ଭ ପର୍ବରେ ଗର୍ଭବତୀ ମହିଳାଙ୍କୁ ନିଜ ସମାଜର ଜଣେ ବୟୋଜ୍ୟେଷ୍ଠା ମହିଳା (ଧାଈ) ସାହାଯ୍ୟ କରିଥାଏ । ଘରେ ପିଲାଟିଏ ଜନ୍ମ ହେଲେ ଖଡ଼ିଆ ମାନେ ନଅଦିନ ଧରି ଅଶୌଚ ପାଳନ କରନ୍ତି । ବେଳେବେଳେ ୨୧ଦିନରେ ଅଶୌଚ ପାଳନ ହୁଏ । ଏହାପରେ ଜନ୍ମିତ ପିଲାର ନାଁ ଦିଆ ପର୍ବ ଅନୁଷ୍ଠିତ ହୁଏ । ଜନ୍ମର ନବମ ଦିନରେ ଜନ୍ମଦାତ୍ରୀ ମା ଓ ଜନ୍ମିତ ଶିଶୁ ବିଧି ଅନୁସାରେ ଶୌଚସ୍ନାନ କରନ୍ତି । ନାଁ ଦିଆ ପର୍ବ ଅବସରରେ ଖଡ଼ିଆ ସମାଜର ସାମାଜିକ ପ୍ରଥା ଓ ଧାର୍ମିକ ପରମ୍ପରାକୁ ଅଗ୍ରାଧିକାର ଦିଆଯାଏ । ଏହାପରେ ଜନ୍ମିତ ଶିଶୁକୁ ପାଞ୍ଚ ବା ଛଅ ବର୍ଷ ହୋଇଗଲେ 'କାନଫୋଡା'












ପର୍ବ ପାଳିତ ହୁଏ । ଭଦ୍ରଲୋକ ମଧ୍ୟସ୍ଥ ସାହାଯ୍ୟରେ ବରକନ୍ୟା ବୁଝାବୁଝି କରି ପୁଅଝିଅମାନଙ୍କର ବିବାହ କରିବା ଖଡ଼ିଆମାନଙ୍କର ସାମାଜିକ ବିଧି । ଖଡ଼ିଆ ସମାଜରେ ବିଭିନ୍ନ ଗୋଷ୍ଠୀମଧ୍ୟରେ ଅନ୍ତର୍ବିବାହ ପ୍ରଥା ଚଳେନାହିଁ । ୨୦ ବର୍ଷ ଖଡିଆ ଯୁବକ ନିମନ୍ତେ ବିବାହର ଉପଯୁକ୍ତ ବୟସ । ସେହିପରି ଖଡ଼ିଆ ଯୁବତୀଟିଏ ୧୫ ରୁ ୧୮ ବର୍ଷ ମଧ୍ୟରେ ବିବାହ କରେ ।

ଖଡିଆ ମାନେ ବହୁପତ୍ନୀ ଗ୍ରହଣ କରନ୍ତି । ନିଜଗୋଷ୍ଠୀ ଛଡା ଅନ୍ୟଗୋଷ୍ଠୀରେ ବିବାହକୁ ପ୍ରାଧାନ୍ୟ ଦିଅନ୍ତି । ଆୟୋଜିତ ବିବାହ ବ୍ୟତୀତ ଝିକା ଓ ଉଦୁଲିଆ ବିବାହ ପ୍ରଥା ମଧ୍ୟ ପ୍ରଚଳିତ । ନିଜ 'କୁଟୁମ୍ବ' ରେ ବିବାହ ନିଷେଧ । ବଂଧୁଗୋଷ୍ଠୀରେ ବିବାହ ପ୍ରଥା ପ୍ରଚଳିତ । ହେଲେ ଏଥି ନିମନ୍ତେ ବଂଧୁ ଗୋଷ୍ଠୀ କନ୍ୟାପକ୍ଷକୁ କନ୍ୟାସୁନା ବାବଦକୁ ହାରାହାରି ୬୦ ଟଙ୍କା ଦେଇଥାନ୍ତି । ଛଅ ଖଣ୍ଡ କପଡା, ଏକ ମଣ୍ଡ ଧାନ, ଦୁଇଡିବା ମଦ, ଗୋଟିଏ ଛେଳି ଆଦି ଖାଦ୍ୟ ଦ୍ରବ୍ୟମାନ ବିବାହ ଭୋଜି ଉପଲକ୍ଷେ ଦେବାକୁ ହୁଏ । ବିବାହରେ କନ୍ୟା, ବିବାହ ସନ୍ତକ ଭାବରେ ମଥାରେ ସିନ୍ଦୂର ପିନ୍ଧେ । ଖଡ଼ିଆ ସାମାଜରେ ଛାଡପତ୍ର ପ୍ରଥା ପ୍ରଚଳିତ । ସେମାନେ ମଧ୍ୟ ବିଧବା ବିବାହକୁ ସ୍ୱୀକୃତି ଦିଅନ୍ତି ।








ପିତା, ମାତା ଓ ଅବବାହିତ ପୁତ୍ର କନ୍ୟାଙ୍କୁ ନେଇ ପାହାଡି ଖଡ଼ିଆର ସଂସାର । ଏକକ ପରିବାର ବ୍ୟତୀତ ଖୁବ୍‌କମ୍ ଯୌଥ ପରିବାର ଦେଖାଯାଏ । ଗୋଟିଏ ଯୌଥ ପରିବାରରେ ହାରାହାରି ୫ ଜଣରୁ ୬ ଜଣ ସଦସ୍ୟ ଥାଆନ୍ତି । ଅତି ବଡ ପରିବାର ଖଡ଼ିଆ ସମାଜରେ ଦୃଷ୍ଟି ଗୋଚର ହୁଏ ନାହିଁ । ଖଡ଼ିଆ ଯୁବକଟିଏ ବିବାହ କଲାପରେ ବାପା ମାଆଙ୍କ ଠାରୁ ଅଲଗା ରହେ । ସେ ଗଢ଼େ ତା'ର ଏକ ନୂଆ ସଂସାର । ସ୍ତ୍ରୀ ତା'ର ସ୍ୱାମୀଙ୍କୁ ସମ୍ମାନ ଦିଏ । ସ୍ୱାମୀ ଖାଇ ସାରିବା ପରେ ସେ ଖାଏ । ଜଙ୍ଗଲ ଭିତ୍ତିକ ପାରିବାରିକ ଆୟ ପ୍ରତି ଉଭୟ ସ୍ୱାମୀ -ସ୍ତ୍ରୀ ଧ୍ୟାନ ଦିଅନ୍ତି । ଗୃହ ପରିଚାଳନା, ସାମାଜିକ ଅବା ଅର୍ଥନୈତିକ ସମୃଦ୍ଧି ଅବା ଦାରିଦ୍ର୍ୟ ପ୍ରତ୍ୟେକ ସ୍ଥଳେ ଆବଶ୍ୟକ ଅନୁସାରେ ଗୃହକର୍ତ୍ତା ମହିଳାମାନଙ୍କ ସହିତ ବିଚାର ଆଲୋଚନା କରନ୍ତି ।



ନିଜର ରକ୍ତ ସଂପର୍କୀୟ ମାନଙ୍କୁ ଖଡ଼ିଆ ସମାଜରେ କୁଟୁମ୍ବ ବା ବଂଶ କୁହାଯାଏ । ମା' ପକ୍ଷର ଲୋକ ବନ୍ଧୁ ନାମରେ ନାମିତ । ମୟୂରଭଂଜ ଜିଲ୍ଲାର ପାହାଡି ଖଡ଼ିଆମାନଙ୍କ ମଧ୍ୟରେ ବଂଶୀୟ ସଙ୍ଗଠନ ଦେଖାଯାଏ ନାହିଁ । ଗୋଟିଏ ପୂର୍ବ ପୁରୁଷରୁ ସମସ୍ତେ ବିଭିନ୍ନ ଶାଖାଗୋଷ୍ଠୀରେ କ୍ରମଶଃ ବିଭାଜିତ ହୋଇଛନ୍ତି ବୋଲି ଖଡିଆମାନେ ବିଶ୍ୱାସ କରନ୍ତି । ପାହାଡି ଖଡ଼ିଆ ମାନଙ୍କର ସାଙ୍ଗିଆ ଦେହୁରୀ,

ଦଣ୍ଡସେନା, ନାୟକ ଇତ୍ୟାଦି । ନିଜ ବଂଶରେ ବିବାହ ନିଷେଧ । ଜନ୍ମ, ମୃତ୍ୟୁ ଓ ବିବାହ ଆଦି ସାମାଜିକ କ୍ରିୟା କର୍ମରେ ନିଜ କୁଟୁମ୍ବ ବା ବଂଶର ଲୋକମାନେ ଅଶୌଚ ପାଳନ କରନ୍ତି । ଅଜା, ନାତି; ଶଳା-ଶାଳୀ ଆଦିଙ୍କୁ ଖଡ଼ିଆମାନେ ସାଧାରଣତଃ ଥଟ୍ଟା ମଜା କରିଥାନ୍ତି । ନିଜଗୋଷ୍ଠୀ ବ୍ୟତୀତ ବିଶ୍ୱାସକୁ ଭିତ୍ତି କରି ଉତ୍ତମ ବଂଧୁତ୍ୱ ଗଢିଉଠିଥାଏ । ଏସବୁ ସଂପର୍କର ମୂଳ ହେଲାଧର୍ମୀୟ ଅନୁଚିନ୍ତା । ଏହିସଂପର୍କ ଫୁଲ, ମକର, ଧରମଭାଇ ଧରମ ବାପା; ଧରମ ପୁଅ ଭାବରେ ଚିହ୍ନିତ । ପର୍ବ ପର୍ବାଣିରେ ବଂଧୁ ବଂଧୁ ମଧ୍ୟରେ ଭାବ ଓ ବସ୍ତୁର ଆଦାନ ପ୍ରଦାନ ହୁଏ ।



କେହି ଆତ୍ମୀୟ ମରିଗଲେ ଖଡ଼ିଆମାନେ ଦଶ ଦିନ ଅଶୌଚ ପାଳନ କରନ୍ତି । ଶୁଦ୍ଧିକ୍ରିୟା ଆଦି କର୍ମ ଶେଷ କରି ଘିଅ ମହୁ ଖାଇ କୁଟୁମ୍ବ ଲୋକମାନେ ଶୌଚ ହୁଅନ୍ତି ।



# ଧାର୍ମିକ ଜୀବନ



ପାହାଡି ଖଡ଼ିଆମାନେ ନିଜ ସମାଜ ଓ ଗୋଷ୍ଠୀ ମଙ୍ଗଳ କାମନା କରି ଆଧିଭୌତିକ ତଥା ଅଲୌକିକ ସତ୍ତାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ବିଭିନ୍ନ ପର୍ବପର୍ବାଣିର ଆୟୋଜନ କରିଥାନ୍ତି । ଶିମିଳି ପାଳରେ "ଅଠର ଦେଉଳ" ଗୋଟିଏ ପବିତ୍ର ପୀଠ । ଶାଳ ବୃକ୍ଷ ଦ୍ୱାରା ପରିବେଷ୍ଟିତ ଏହି ପୀଠରେ ବଡ଼ାମ୍ ଦେବତା ପୂଜିତ । ଶିମିଳିପାଳର ପ୍ରମୁଖ ଦେବତା ଏଇ ବଡ଼ାମ୍ । ଖଡ଼ିଆମାନଙ୍କର ବିଶ୍ୱାସ ବଡ଼ାମ୍ ଦେବତା ସନ୍ତୁଷ୍ଟ ହେଲେ ସବୁ ମନୋବାଞ୍ଛା ପରିପୂର୍ଣ୍ଣ ହେବ । ବଡ଼ାମ୍ ସବୁବେଳେ ଭକ୍ତର ଆଶା ପୂରଣ କରନ୍ତି ।

ପାହାଡି ଖଡ଼ିଆମାନେ ଶାଳ ବୃକ୍ଷକୁ ପବିତ୍ର ବୋଲି ବିବେଚନା କରନ୍ତି । ଏହାର ନିଆଁ ପବିତ୍ର । ଝୁଣାର ସୁଗନ୍ଧରେ ପରିବେଶ ପୂତ ହୁଏ । ଖଡ଼ିଆମାନେ ଶାଳବୃକ୍ଷ କାଟନ୍ତି ନାହିଁ । ଶାଳବୃକ୍ଷ ଦେବତାର ଆବାସସ୍ଥଳୀ । ବର୍ଷକୁ ଅନ୍ୟୂନ ଦୁଇଥର ପୂଜକ ଶାଳବୃକ୍ଷକୁ ଭକ୍ତି ସହକାରେ ପୂଜା କରିବା ପରଂପରା ଖଡ଼ିଆ ସମାଜରେ କେଉଁ କାଳରୁ ପ୍ରଚଳିତ ।

ଶ୍ମଶାନରେ ଥିବା ବୃକ୍ଷସମୂହକୁ ଖଡ଼ିଆମାନେ କେବେ କାଟନ୍ତି ନାହିଁ । ସେମାନେ ପ୍ରକୃତି ପ୍ରେମୀ । ପ୍ରକୃତିର ମୁଗ୍ଧ ବନ୍ଦାପନା ; ପ୍ରକୃତିକୁ ଭଲ ପାଇବା ; ସେମାନଙ୍କର ମୂଳ କର୍ତ୍ତବ୍ୟ । ଜଙ୍ଗଲ ଓ ଜାହିରା ପୂଜା ଏହାର ଅନ୍ୟତମ ନମୁନା । କେତେକ ଶାଳବୃକ୍ଷ ପରିବେଷ୍ଟିତ ଗ୍ରାମ ଦେବତୀଙ୍କ ପୀଠ 'ଜାହିରା' ନାମରେ ପରିଚିତ । ଗ୍ରାମ ଦେବତୀ ଗ୍ରାମ ଓ ଗ୍ରାମବାସୀଙ୍କୁ ସବୁବେଳେ ନିଜ ଆମାପ ଶକ୍ତି ଦ୍ୱାରା ସୁରକ୍ଷା ଦେଇଥାନ୍ତି ।

ଖଡିଆମାନେ ସୂର୍ଯ୍ୟଦେବତାଙ୍କୁ ସୃଷ୍ଟି କର୍ତ୍ତା ଭାବରେ ବିଚାର କରି ପୂଜା କରନ୍ତି । ଶିମିଳିପାଳର ପ୍ରତି ପାହାଡ ଜଣେ ଜଣେ ଦେବତା ଓ ଜଙ୍ଗଲ ସଂପଦର ରକ୍ଷାକର୍ତ୍ତା ବୋଲି ଖଡ଼ିଆମାନଙ୍କର ବିଶ୍ୱାସ । ବଡାମ୍ ବୁଢୀ ତାଙ୍କର ଆରାଧ୍ୟ ଦେବୀ ।









ଏହା ବ୍ୟତୀତ ରାମରାଜା, ପବନବୀର, ମହାବୀର, ଭଣ୍ଡାର ଦେବତା, ଠାକୁରାଣୀ, ମାଉଳୀ, ବାସୁଳୀ, ବାସୁକୀ, ଗ୍ରାମଦେବୀ ଆଦି ଅନେକ ଠାକୁର ଠାକୁରାଣୀ । ଦେବଦେବୀଙ୍କ ବ୍ୟତୀତ ସେମାନେ ମଧ୍ୟ ଡାହାଣୀ ଓ ଭୂତ ପ୍ରେତରେ ବିଶ୍ୱାସ କରନ୍ତି । ପୂର୍ବପୁରୁଷଙ୍କ ପୂଜା ପରମ୍ପରା ମଧ୍ୟ ପ୍ରଚଳିତ । ଖାଦ୍ୟ ସଂଗ୍ରହ ତଥା ଶିକାରରେ ସଫଳ ହେବା ନିମନ୍ତେ ଜଙ୍ଗଲ ଦେବତାଙ୍କୁ ପୂଜା କରାଯାଏ । ସମସ୍ତେ ଏକାଠି ହୋଇ ଗ୍ରାମ ଜାହିରା ନିକଟରେ ... ତାର ତୁଷ୍ଟି ବିଧାନ ତଥା ଗାଁର ମଙ୍ଗଳ ନିମନ୍ତେ ନିଜ ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରନ୍ତି । ମହୁ ସଂଗ୍ରହକାରୀ ପାହାଡି ଖଡ଼ିଆ ପ୍ରଥମ ସଂଗୃହୀତ ମହୁକୁ ଠାକୁରାଣୀଙ୍କୁ ଅର୍ପଣ କରେ ।

ଗାଁ ସ୍ତରରେ ଠାକୁରାଣୀ ଦେବୀ ଖଡ଼ିଆମାନଙ୍କର ମୁଖ୍ୟ ଦେବୀ । ବର୍ଷକୁ ଥରେ ଠାକୁରାଣୀଙ୍କର 'ମେଲାଣୀ ପର୍ବ' ହୁଏ । ବସନ୍ତ ଓ ମିଳିମିଳା ଆଦି ରୋଗର ନିରାକରଣ ନିମନ୍ତେ ଗ୍ରାମବାସୀ ଠାକୁରାଣୀଙ୍କୁ ପୂଜା କରନ୍ତି । ସେମାନେ ମଧ୍ୟ ଧରଣୀ ପୂଜା କରିଥାନ୍ତି । ଦଶହରା ପର୍ବ ଅବସରରେ ନିଜ ନିଜର ଲଙ୍ଗଳ ଓ କୁରାଢ଼ୀକୁ ପୂଜା କରିବାର ପରଂପରା ରହିଛି । ଦେବଦେବୀ, ଭୁତ, ଡାହାଣୀ ଆଦିଙ୍କ କୁ ନଜର ପଡିଲେ ମଣିଷ ରୋଗ ଯନ୍ତ୍ରଣାରେ ପଡେ ବୋଲି ଖଡ଼ିଆମାନେ ବିଶ୍ୱାସ କରନ୍ତି । ସୂର୍ଯ୍ୟ ଦେବତା ଓ ଅନ୍ୟାନ୍ୟ ଦେବଦେବୀଙ୍କୁ ସଂତୁଷ୍ଟ କରିବା ନିମନ୍ତେ ଛେଳି, ଘୁଷୁରି, ମଦଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ ଅର୍ପଣ କରାଯାଏ । ପାହାଡ ଓ ପର୍ବତରେ ବାସ କରୁଥିବା ଅଲୌକିକ ଶକ୍ତି ଦ୍ୱାରା ପ୍ରକୃତି ନିୟନ୍ତ୍ରିତ ହୁଏ ବୋଲି ଖଡ଼ିଆମାନେ ବିଶ୍ୱାସ କରନ୍ତି । ସେମାନେ ଗୁଣି ଗାରେଡିରେ ବିଶ୍ୱାସ କରନ୍ତି । ରୋଗୀର ରୋଗ ପରୀକ୍ଷା କରିବା ପାଇଁ ଗୁଣିଆ ଡାକନ୍ତି । ଗୁଣିଆ ତେଲ, ପାଣି ଓ କାଠି ବ୍ୟବହାର କରି ରୋଗର ନିଦାନ ନିର୍ଣ୍ଣୟ କରେ । ବର୍ତ୍ତମାନ ଏହି ପାରଂପରିକ ଲୋକ ବିଶ୍ୱାସରେ ପରିବର୍ତ୍ତନ ହେଲାଣି । ପାହାଡି ଖଡ଼ିଆମାନେ ଆବଶ୍ୟକ ସ୍ଥଳେ ଡାକ୍ତର, କବିରାଜଙ୍କ ସହ ପରାମର୍ଶ କରି ଔଷଧ ଖାଉଛନ୍ତି ।





# ଯାତ୍ରା ଓ ପର୍ବପର୍ବାଣି




ପାହାଡି ଖଡ଼ିଆମାନେ ରଜ ଏବଂ ମକର ପରି ହିନ୍ଦୁ ପର୍ବପର୍ବାଣି ଜାକଜମକରେ ପାଳନ କରନ୍ତି । ରଜ ଓ ମକର ସେମାନଙ୍କର ପ୍ରିୟ ପର୍ବ । ରଜ ଉପଲକ୍ଷେ ରାମ ଦୋଳି ନାମରେ କାଠଗଣ୍ଡି ଓ ବାଉଁଶରେ ନିର୍ମିତ ଦୋଳିରେ ଝୁଲି ଆନନ୍ଦ ନିଅନ୍ତି । ସେମାନେ ରଜ ପର୍ବରେ ନୂଆ ଲୁଗା, ପୋଷାକ ପତ୍ର ପିନ୍ଧନ୍ତି । ମକର ପର୍ବରେ କୁକୁଡା ବଳି ଦିଆଯାଏ । ଝରଣା ନିକଟବର୍ତ୍ତୀ ସ୍ଥାନରେ ସମବେତ ଖଡିଆମାନେ କାଠ ଗଦା କରି ସେଥିରେ ନିଆଁ ଲଗାଇ ଦିଅନ୍ତି । ସାରାରାତି ନିଆଁଜଳେ । ଅଗ୍ନି ଦେବତାଙ୍କ ଉଦ୍ଦେଶ୍ୟରେ, ସେହି ନିଆଁରେ କୁକୁଡାକୁ ନୈବେଦ୍ୟ ଭାବରେ ସମର୍ପଣ କରି ପରିବାରର ଓ ସମାଜର ଶୁଭ ମନାସି ପ୍ରାର୍ଥନା କରିବାର ପରଂପରା ରହିଛି । ମାଗୁଣୀ ପୂଜା ହେବା ଯାଏ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହରେ କଟକଣା ଥାଏ । ବର୍ଷକୁ ଦୁଇ ଥର ଜଙ୍ଗଲ ପୂଜା ହୁଏ । ପ୍ରଚୁର ମହୁ ସଂଗ୍ରହ ଲକ୍ଷ୍ୟରେ ଖଡ଼ିଆମାନେ ଏପ୍ରିଲ -ମେ' ମାସରେ ପ୍ରଥମ ଜଙ୍ଗଲ ପୂଜା କରିଥାନ୍ତି । ପୁନଶ୍ଚ ସେପ୍ଟେମ୍ବର - ଅକ୍ଟୋବର ମାସରେ ଉତ୍ତମ ଗୁଣମାନର ଝୁଣା ସଂଗ୍ରହ ନିମନ୍ତେ ଦ୍ୱିତୀୟ ଥର ଜଙ୍ଗଲ ପୂଜା ହୁଏ । ଧନ ଓ ଭାଗ୍ୟର ଦେବୀ ମା' ମହାଲକ୍ଷ୍ମୀଙ୍କୁ ଖଡ଼ିଆମାନେ ମାର୍ଗଶିର ମାସରେ ପୂଜା କରନ୍ତି । ଏହା ଏକ ହିନ୍ଦୁପର୍ବ । ଏହାକୁ 'ମାଣବସା' କୁହନ୍ତି ।












ପ୍ରତି ପର୍ବ ପର୍ବାଣିରେ ଅନ୍ୟାନ୍ୟ ଜନଜାତିଙ୍କ ପରି ପାହାଡି ଖଡ଼ିଆମାନେ ମଧ୍ୟ ନୃତ୍ୟ, ସଙ୍ଗୀତ ଆୟୋଜନ କରି ଅବସର ବିନୋଦନ କରିଥାନ୍ତି । ବିବାହ ଉତ୍ସବ, ମକର, ଅଷ୍ଟମୀ, ଓ ମାଣବସା ପର୍ବରେ ଛୋଟି ଓ ଚିତାରେ ଘର କାନ୍ଥକୁ ଚିତ୍ରିତ କରିଥାନ୍ତି । ବତୁରା ଅରୁଆ ଚାଉଳକୁ ଶିଳରେ ଭଲ ଭାବରେ ବାଟି ସେଥିରେ ପାଣି ମିଶେଇ ତହିଁରେ ଚିତା ବା ଝୋଟି ପକାଯାଏ । ଖଣ୍ଡେ କାଠିରେ କନା ଗୁଡେଇ ତାକୁ ତୂଳୀ ଭାବରେ ବ୍ୟବହାର କରାଯାଏ । ହାତର ଆଙ୍ଗୁଠିକୁ ଚଳାଇ ବିଭିନ୍ନ ଆକୃତିର ଚିତା ବା ଝୋଟି ତିଆରି କରାଯାଏ । ମାର୍ଗଶୀର ମାସର ଗୁରୁବାରକୁ ଏକ ପବିତ୍ର ଦିନ ଭାବରେ ଖଡ଼ିଆମାନେ ମାନନ୍ତି । ଫସଲ ଉତ୍ପାଦନ ପରେ ଓ ଠାକୁରାଣୀ ପୂଜା ସମୟରେ ଚାଙ୍ଗୁ ବାଦ୍ୟ ବଜେଇ ଖଡ଼ିଆମାନେ ନୃତ୍ୟ - ଗୀତରେ ନିଜକୁ ହଜେଇ ଦିଅନ୍ତି । ଚାଙ୍ଗୁ ଏକ ବୃତ୍ତାକାର ବାଦ୍ୟ । ଏଥିରେ ଟିଣର ଛୋଟ ଛୋଟ ଓ ଗୋଲ ଗୋଲ୍ ଗିନି ଯୋଡିଯୋଡି ହୋଇ ଲାଗିଥାଏ । ଶିମିଳିପାଳର ବଡାମ୍ ଦେବତା ଚାଙ୍ଗୁପ୍ରିୟ । ପୁରୁଷମାନେ ଚାଙ୍ଗୁ ବାଦ୍ୟ ବଜାନ୍ତି । ମହିଳା ଓ କିଶୋରୀ ମାନେ ଗୀତ ଗାଇ ନାଚନ୍ତି । ନୃତ୍ୟ ଆରମ୍ଭରେ ବଡାମ୍ ଦେବତାଙ୍କ ତୁଷ୍ଟି ବିଧାନ ଉଦ୍ଦେଶ୍ୟରେ "ଚାଙ୍ଗୁ ବନ୍ଦନା" କରାଯାଏ ।


ଚାଙ୍ଗୁ ବ୍ୟତୀତ ପାହାଡି ଖଡ଼ିଆମାନଙ୍କର ପ୍ରିୟ ନୃତ୍ୟ ଝୁମର । ନୃତ୍ୟ ଓ ଆନନ୍ଦ ପରସ୍ପର ଅଙ୍ଗାଙ୍ଗୀ ଭାବରେ ଜଡିତ । ନୃତ୍ୟରୁ ଆନନ୍ଦ ମିଳେ । ନାଚିବା ଏକ ଦଳଗତ କଳା । ଜଣକର ନୃତ୍ୟ ତୁଳନାରେ ଦଳଗତ ନୃତ୍ୟ ବା ଗୋଷ୍ଠୀନୃତ୍ୟର ମାଦକତା ଅଧିକ ଆକର୍ଷଣୀୟ । ଗୋଷ୍ଠୀନୃତ୍ୟ ଅବିବାହିତ ଯୁବକ ଯୁବତୀ ମାନଙ୍କୁ ପରସ୍ପର ପ୍ରତି ଆକର୍ଷିତ କରିବାର ଏକ ମଉକା ଦିଏ । ବେଳେବେଳେ ଏହି ଅବସର ବୈବାହିକ ଜୀବନର ମୂଳଦୁଆ ପାକାଏ । ନୂଆଖିଆ, ରଜ, ମକର, ପୁଷ ପରବ, ଓ ଚଇତି ପରବ ଖଡ଼ିଆ ମାନଙ୍କର ମୁଖ୍ୟ ପରବ । ଏହି ସବୁ ପର୍ବରେ ସେମାନେ ଚାଙ୍ଗୁ, ବଇଁଶୀ ଓ ନାଗରା ଆଦି ବାଦ୍ୟ ବଜାଇ ଆନନ୍ଦରେ ନାଚନ୍ତି । ହାଟ ପାଳିରେ ବଜାରରେ ଗଂଜା ଲଢେଇ ଦେଖି ମଉଜ ନେଇଥାନ୍ତି ।





ଗ୍ରାମସଭା ପରେ କୁଟୁମ୍ବ ସଭା । ପଡା / ଗ୍ରାମ ସମୂହର ସବୁଠୁ ଚାଲାକ ଚତୁର ଓ ବୁଦ୍ଧିମାନ ପ୍ରଧାନ ଏହି କୁଟୁମ୍ବ ସଭାର ମୁଖ୍ୟ ସଂଯୋଜକ ଓ ପରିଚାଳକ ହିସାବରେ କାର୍ଯ୍ୟ କରନ୍ତି । ଏହି କୁଟୁମ୍ବ ସଭାରେ ଏକ ବା ଏକାଧିକ ବଂଶର ଜନଜାତି ଭାଗ ନେଇଥାନ୍ତି । ପ୍ରଧାନ, ଜନଜାତି ପ୍ରଥା ଓ ପରଂପରାର ସୁରକ୍ଷା କରନ୍ତି । ନିଜ ଜାତିରୁ କୌଣସି କାରଣରୁ ବାଛନ୍ଦ ବା ଅଲଗା ହୋଇଥିବା ବ୍ୟକ୍ତିର ବିଚାର କରାଯାଇ ତାକୁ ପୁନଶ୍ଚ ସ୍ୱ - ଗୋଷ୍ଠୀରେ ମିଶିବା ନିମନ୍ତେ କୁଟୁମ୍ବସଭା ନିର୍ଦ୍ଦେଶ ଦେଇପାରେ । ଯେଉଁ ଜଟିଳ ଘଟଣାର ବିଚାର ଗ୍ରାମସଭା ବା ଗ୍ରାମ ପରିଷଦରେ ହୋଇନପାରେ ତାହା କୁଟୁମ୍ବ ସଭାରେ ପୁନଶ୍ଚ ବିଚାର ନିମନ୍ତେ ଗୃହୀତ ହୁଏ ।

ଦେଶ ସ୍ୱାଧୀନ ହେବା ପରେ ପାହାଡି ଖଡ଼ିଆ ଅଂଚଳରେ ଗ୍ରାମ - ପଞ୍ଚାୟତ ଶାସନ ବିଧି ପ୍ରଚଳିତ ହେଉଛି । କେତେକ ପାହାଡି ଖଡ଼ିଆ ମଧ୍ୟ ୱାର୍ଡ ମେମ୍ବର ଓ ସରପଞ୍ଚ ଭାବରେ ଜନସାଧାରଣଙ୍କ ଦ୍ୱାରା ଭୋଟ ପାଇ ନିର୍ବାଚିତ ହେଲେଣି । କେତେକ ସ୍ଥଳେ ପାରଂପରିକ ମୁଖ୍ୟ ପ୍ରଚଳିତ ଆଧୁନିକ ଶାସନ ବ୍ୟବସ୍ଥାର ମୁଖ୍ୟ ଭାବେ ନିର୍ବାଚିତ ହେଲେଣି ।



ଆଧୁନିକତାର ଦ୍ୱାହି ଦେଇ ଖଡ଼ିଆମାନେ ନିଜର ପାରଂପରିକ ପ୍ରାଚୀନ ପ୍ରଥାକୁ ପରିହାର କରି ନାହାଁନ୍ତି । ଯାହା ହେଲେ ବି ସାମାଜିକ ସାଂସ୍କୃତିକ ଓ ଧାର୍ମିକ ବାତାବରଣରେ ପାରଂପରିକତା ପ୍ରତି ଖଡିଆମାନେ ଯେପରି ପ୍ରାଧାନ୍ୟ ଦେଉଛନ୍ତି, ତାହା ସେମାନଙ୍କ ଚେତନା ଓ ବିଜ୍ଞତାର ପରିଚୟ ଦେଉଛି ।

# ପରିବର୍ତ୍ତନ ଓ ଉନ୍ନୟନ

ପାହାଡି ଖଡ଼ିଆ ମାନଙ୍କର ଜୀବନଧାରା ସମୟ ସହିତ ତାଳ ଦେଇ କ୍ରମଶଃ ବଦଳିବାରେ ଲାଗିଛି । ଖଡ଼ିଆ ମାନଙ୍କର ବାସସ୍ଥଳୀ ନିକଟରେ ବାସ କରୁଥିବା ହିନ୍ଦୁ ସମାଜର ଚଳଣି ଦ୍ୱାରା ସେମାନେ ପ୍ରଭାବିତ ହେଲେଣି । ଜଙ୍ଗଲ ନୀତି ଓ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହରେ କଟକଣା ସେମାନଙ୍କ ଜୀବନ ଓ ଜୀବିକାକୁ ପରିବର୍ତ୍ତନ ଆଣୁଛି । ସେମାନଙ୍କର ଧାର୍ମିକ ଓ ସାମାଜିକ ଜୀବନରେ ଏହି ପରିବର୍ତ୍ତନର ପ୍ରତିଫଳନ ସ୍ପଷ୍ଟ ହେବାରେ ଲାଗିଛି । ଜୀବନ ଓ ଜୀବିକାର ଅନ୍ୱେଷଣରେ ଖଡ଼ିଆମାନେ ସେମାନଙ୍କର ଚିରାଚରିତ ପ୍ରାଚୀନ ବାସସ୍ଥଳୀ ପାହାଡ ଅଂଚଳ ଛାଡି ଅନ୍ୟ ଅଂଚଳକୁ ଯାଉଛନ୍ତି । ତଥାପି ଖଡ଼ିଆ ପରିବାର ଗ୍ରାମାଞ୍ଚଳରେ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରି ଚଳନ୍ତି ।

ଖଡ଼ିଆମାନେ ଏବେ ସାଧାରଣ କୃଷି, ପଶୁ ପାଳନ, ଜଙ୍ଗଲରୁ ଜାଳେଣୀ କାଠ ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଚଳିବା ସହିତ ଦିନ ମଜୁରିଆ ଭାବରେ ମଧ୍ୟ କାମ କରି ଜୀବିକା ନିର୍ବାହ କରୁଛନ୍ତି । ସେମାନେ ଅନେକ ହିନ୍ଦୁ ପରଂପରାକୁ ଅନୁସରଣ କରୁଛନ୍ତି ଓ ହିନ୍ଦୁ ମାନଙ୍କର ପର୍ବପର୍ବାଣି କୁ ପାଳନ କରୁଛନ୍ତି । ପରିବର୍ତ୍ତିତ ପରିସ୍ଥିତି ଓ ସାମାଜିକ


















ବାତାବରଣରେ ତଳୁଆ ବ୍ରାହ୍ମଣ, ବାରିକ ଓ ଧୋବା ମାନେ ଖଡ଼ିଆମାନଙ୍କର ଜନ୍ମ, ମୃତ୍ୟୁ ଓ ବିବାହ ପରି ସାମାଜିକ କାର୍ଯ୍ୟରେ ସେମାନଙ୍କୁ ସେବା ଯୋଗାଇବା ନିମନ୍ତେ ଆଗଭର ହେଲେଣି ।

ବିଭିନ୍ନ ସରକାରୀ ଓ ଅଣ - ସରକାରୀ ସଂସ୍ଥା ଖଡ଼ିଆ ମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ ବହୁ ଯୋଜନା ପ୍ରଣୟନ କରି ସେ ସବୁକୁ କାର୍ଯ୍ୟକାରୀ ଦେବାରେ ଲାଗି ପଡିଛନ୍ତି । ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପରି ସରକାରୀ ଅନୁଷ୍ଠାନ ମାନଙ୍କର ଭୂମିକା ଏ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ଦ୍ୱାରା ଖଡ଼ିଆ ସମାଜର ଏକ ଅଂଶ ଭାବରେ ପାହାଡି ଖଡ଼ିଆ ମାନଙ୍କୁ ପ୍ରାଚୀନତମ ଜନଜାତି ଭାବରେ ଚିହ୍ନିତ କରାଯାଇଛି । ୧୯୮୭ ମସିହାରୁ ୧୮ ଗୋଟି ଗ୍ରାମରେ ବସବାସ କରୁଥିବା ପାହାଡି ଖଡ଼ିଆ ଆଦିମ ଜନଜାତି ମାନଙ୍କ ଉନ୍ନତି କଳ୍ପେ ମୟୂରଭଂଜ ଜିଲ୍ଲାର ଯଶୀପୁର ନିକଟରେ ଏକ ଅଣୁପ୍ରକଳ୍ପ (ପାହାଡ଼ି ଖଡ଼ିଆ ଓ ମାଙ୍କିଡ଼ିଆ ଉନ୍ନୟନ ସଂସ୍ଥା) କାର୍ଯ୍ୟ କରୁଛି । ଦ୍ରୁତ ଜଙ୍ଗଲ ସଂପଦର ଅବକ୍ଷୟ ସହିତ ସରକାରୀ ଜଙ୍ଗଲ ନୀତି ପାହାଡି ଖଡ଼ିଆମାନଙ୍କୁ ସାଧାରଣ କୃଷି, ପଶୁପାଳନ, କ୍ଷୁଦ୍ର ବ୍ୟବସାୟ ଓ ଦିନ ମଜୁରିଆ ହୋଇ ଶ୍ରମଜୀବୀ ଭାବରେ ବଂଚିବାପାଇଁ ବାଧ କରିଛି । ଗାଡି ଚଳାଇବା ; ଆଚାର ତିଆରି, ପତ୍ର ଥାଳି ତିଆରି ଆଦି କାମ କରିବାରେ ଖଡିଆମାନେ ଧୁରନ୍ଧର ହେଲେଣି । ଅଣୁପ୍ରକଳ୍ପ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ଜରିଆରେ ପ୍ରଭାବିତ ହୋଇ ଆଦିମ ଜନଜାତି ପାହାଡି ଖଡ଼ିଆ ମୁଖ୍ୟ ସାମାଜିକ ସ୍ରୋତରେ ନିଜ ଜୀବନ ସ୍ରୋତକୁ ସାମିଲ କରିବା ନିମନ୍ତେ ଆଗଭର ହେଲେଣି । କେତେଜଣ ଖଡ଼ିଆ ଶିକ୍ଷକତା କରିବା ସହିତ ଆଉ କେତେଜଣ ଜଙ୍ଗଲ ବିଭାଗ ଓ










ଅନ୍ୟାନ୍ୟ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟରେ କର୍ମ ନିଯୁକ୍ତି ପାଇଲେଣି । ସେମାନଙ୍କ ଜୀବନ ଧାରଣର ସାଧାରଣ ମାନ ବଦଳିବାରେ ଲାଗିଛି । ସେମାନଙ୍କୁ ଇନ୍ଦିରା ଆବାସ ଗୃହ ଦେବା ; ପାନୀୟ ଜଳର ବ୍ୟବସ୍ଥା କରିବା, ରାସ୍ତାଘାଟର ସୁବିଧା, ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥା, ଶିକ୍ଷା ଓ ପରିବେଶର ଉନ୍ନତି ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସାମୟିକ ବିକାଶ ପ୍ରତି ସରକାର ଧ୍ୟାନ ଦେଉଛନ୍ତି ।



ଏହା ବ୍ୟତୀତ ସେମାନଙ୍କ ଆର୍ଥିକ ବିକାଶ ନିମନ୍ତେ ବ୍ୟକ୍ତିଗତ ଓ ଗୋଷ୍ଠୀ ଗତ ଭାବରେ ଛେଳି ପାଳନ, ମାଛ ଚାଷ, ସିଲେଇ ମେସିନ, ପତ୍ରଥାଳି ତିଆରି ମେସିନ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ସହାୟତା ଦେବାର ବ୍ୟବସ୍ଥା ରହିଛି । ଏହା ଦ୍ୱାରା ଖଡ଼ିଆ ମାନେ ଉପକୃତ ହେଉଛନ୍ତି । ସେମାନଙ୍କର ସାମାଜିକ ଓ ଆର୍ଥିକ ଜୀବନ ଧାରା ବଦଳୁଛି । ସେମାନଙ୍କ ଦୃଷ୍ଟିଭଙ୍ଗୀରେ ମଧ୍ୟ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖା ଦେଲାଣି ।



ସ୍ୱ - ରୋଜଗାର ଯୋଜନା (SHG) ଜରିଆରେ ଉଭୟ ପୁରୁଷ ଓ ମହିଳା ଗୋଷ୍ଠୀ କାମ କରି ନିଜକୁ ତଥା ନିଜ ସମାଜକୁ ଓ ସାମାଜିକ ଜୀବନକୁ ସରସ - ସୁନ୍ଦର କରିବାରେ ଲାଗି ପଡ଼ିଛନ୍ତି ।

ଆଧୁନିକ କୃଷି ପ୍ରଣାଳୀର ପ୍ରଚଳନ; ବହୁବିଧ ଫସଲ ବ୍ୟବସ୍ଥା, ଅଧିକ ଅମଳକ୍ଷମ ବିହନ ଯୋଗାଣ, ଜଳ ସେଚନର ବିହିତ ବ୍ୟବସ୍ଥା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସହାୟତା ଖଡ଼ିଆ ଜନଜୀବନର ପ୍ରଗତିକୁ ତ୍ୱରାନ୍ୱିତ କରୁଛି ।













ଗୋଷ୍ଠୀଗତ ଭାବରେ ଉଦ୍ୟମ କରି ଉତ୍ପାଦିତ ଦ୍ରବ୍ୟର ବିପଣନ ମାଧ୍ୟମରେ ଖଡ଼ିଆ ମାନେ ଆଖି ଦୃଶିଆ ଉନ୍ନତି କରି ପାରିଛନ୍ତି । "ସେ ଦିନର ଖଡ଼ିଆ ଓ ଆଜିର ଖଡ଼ିଆ" ମଧ୍ୟରେ ତଫାତ୍ ସହଜରେ ବାରିହେଉଛି । ଉପଯୁକ୍ତ ପ୍ରଶିକ୍ଷଣ ପାଇ କେତେଜଣ ପାହାଡି ଖଡ଼ିଆ ମହୁଚାଷ ଓ କ୍ଷୁଦ୍ର ବ୍ୟବସାୟରେ ନିଜକୁ ନିୟୋଜିତ କଲେଣି ।

ସବୁଠାରୁ ବଡ କଥା ହେଲା ସରକାରଙ୍କ ଦ୍ୱାରା ପରିଚାଳିତ ଅଣ୍ଣୁପ୍ରକଳ୍ପ ମାନବ ସଂବଳ ବିକାଶ କାର୍ଯ୍ୟକ୍ରମ ପ୍ରତି ଧ୍ୟାନ ଦେଇ ନର୍ସରୀ ଓ ପ୍ରାଥମିକ ଶିକ୍ଷାର ବିକାଶ ନିମନ୍ତେ ଜ୍ଞାନ ମନ୍ଦିର ଖୋଲିଛି । ଅଣ୍ଣୁ ପ୍ରକଳ୍ପ ଦ୍ୱାରା ପ୍ରାୟୋଜିତ ଜ୍ଞାନ ମନ୍ଦିର ଖଡ଼ିଆ ମାନଙ୍କର ଜ୍ଞାନର ବିକାଶରେ ସହାୟକ ହେଉଛି । ଜ୍ଞାନମନ୍ଦିର ସହିତ ଶିକ୍ଷାୟତନ ଓ ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ରର କାର୍ଯ୍ୟ ଧାରା ମଧ୍ୟ ସନ୍ତୋଷଜନକ । ଆଦିମ ପାହାଡି ଖଡ଼ିଆ ମାନେ ଆଜି ନୂଆ ସକାଳର ଅପେକ୍ଷାରେ ।





# ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମିତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚାଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସହ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ

**ବିଶ୍ୱର କୁମାର ନାୟକ**

ସଦସ୍ୟ ସଚିବ




**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ କନ୍‌ସଲ୍‌ଟାନ୍ସି